## ଗୋରୁ ଗାଡ଼ି ଜବତ: ୩ ଗିରଫ

ଭଣ୍ଡାରିପୋଖରୀ, (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ପୋଲିସ ଦୁଇଟି ବେଆଇନ ଗୋରୁ ବୋଝେଇ ଅଟୋକୁ ଜବତ କରିବା ସହ ଅଟୋ ଚାଳକ ଓ ମାଲିକ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ସେକ ନୁର ଆଲାମ ଅଲ୍ଲୀ, ସେକ ସବାର ଅଲ୍ଲୀ, ସେକ ମୁସ୍ତାଫିଜୁଲ ଅଲ୍ଲୀ। ଏନେଇ ଥାନାରେ ଏକ ମାମଲା (ନଂ.୩୪୨/୨୧) ରୁଜୁ ହୋଇଛି। ଗୋରୁମାନଙ୍କୁ ଭଦ୍ରକ ମଇତାପୁର ସ୍ଥିତ ଗୋଶାଳାରେ ଛଡ଼ାଯାଇଛି।

## ସଂକ୍ଷେପରେ

### ବେତନଟୀ ବ୍ଲକରେ ଯୋଗଦେଲେ ନୂଆ ବିଡିଓ

ବୈଶିଙ୍ଗା,୧।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ କାର୍ଯ୍ୟାଳୟରେ ସୋମବାର ନୂତନ ବିଡିଓ ଭାବେ ସଂଗ୍ରାମ କେଶରୀ ପରିଡ଼ା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ସେ ବେତନଟୀ ତହସିଲଦାର ଭାବେ ଅବସ୍ଥାପିତ ହୋଇଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ସମସ୍ତ ବ୍ଲକ କର୍ମଚାରୀ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ବ୍ଲକ ଅଧକ୍ଷ କାଳୀଚରଣ ସୋରେନଙ୍କ ସହ ସେ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, ବେତନଟୀ ବିଡ଼ିଓ ଭାବେ କାର୍ଯ୍ୟରତ ସତ୍ୟ ସୁନ୍ଦର ରାଉତଙ୍କୁ ରରୁଆଁ ତହସିଲଦାର ଭାବେ ବଦଳି କରାଯାଇଛି।

### ଖଡ଼ଖାଇ ନଦୀରୁ ମିଳିଲା ବୃଦ୍ଧଙ୍କ ମୃତଦେହ

ରାଇରଙ୍ଗପୁର,୧।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ୱାର୍ଡ ନଂ.୧୪ କୁଚେଇବୁଢ଼ି ବସ୍ତି ଅଞ୍ଚଳର ଜଣେ ବୃଦ୍ଧଙ୍କ ମୃତଦେହ ସ୍ଥାନୀୟ ଖଡ଼ଖାଇ ନଦୀରୁ ଉଦ୍ଧାର ହୋଇଛି। ମୃତକ ହେଲେ ଜନ୍ମେଜୟ ମହାନ୍ତ। ରବିବାର ସେ ଘରୁ ସାଇକେଲ ନେଇ ଯାଇଥିବା ବେଳେ ନିଖୋଜ ଥିଲେ। ସୋମବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୧) ରୁଜୁ ହୋଇଛି।

### ୩ ବେଆଇନ ଟ୍ରାକ୍ଟର ଜବତ

ହାଟଡିହୀ,୧।୧୧(ଡି.ଏନ.ଏ.): କେନ୍ଦୁଝର ଜିଲା ହାଟଡିହୀ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଓ ଗୋଟିଏ ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଉକ୍ତ ଟ୍ରାକ୍ଟରରୁ ମୋଟ ୭୦,୨୪୦ଟଙ୍କା ଜରିମାନା ତହସିଲ ତରଫରୁ ଆଦାୟ କରାଯାଇଛି। ତହସିଲଦାର ଦିଲୀପ କୁମାର ସାହୁ, ରାଜସ୍ୱ ନିରୀକ୍ଷକ ସୁଶାନ୍ତ ସାମଲ ଏବଂ ଜ୍ଞାନେନ୍ଦ୍ର କୁମାର ନାୟକ ପ୍ରମୁଖ ଉକ୍ତ ଚଢ଼ାଉରେ ସାମିଲ ଥିଲେ।

### ପୂର୍ବତନ ସମିତିସଭ୍ୟାଙ୍କ ପରଲୋକ

ପଦ୍ମପୁର,୧।୧୧(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅବିଭକ୍ତ କିସମତ କୃଷ୍ଣପୁର ପଞ୍ଚାୟତର ପ୍ରଥମ ମହିଳା ସମିତିସଭ୍ୟା କୁନ୍ତଳା ବିଶ୍ୱାଳ(୫୬)ଙ୍କର ପରଲୋକ ଘଟିଛି। ସେ ୨୦୦୨ରେ ପଞ୍ଚାୟତର ପ୍ରଥମ ମହିଳା ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ଅନ୍ତିମ ଯାତ୍ରାରେ ସ୍ୱାମୀ ଦାମୋଦର ବିଶ୍ୱାଳ, ପୁଅ ସୂର୍ଯ୍ୟୋଦୟ ବିଶ୍ୱାଳ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

### ସଦ୍‌ଭାବନା ସାଇକେଲ୍ ରାଲିକୁ ସ୍ୱାଗତ

ସାରସକଣା,୧।୧୧(ଡି.ଏନ.ଏ.)- ଭାରତବର୍ଷର ୭୫ତମ ସ୍ୱାଧୀନତା ଦିବସ ସହିତ ବାଂଲାଦେଶ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଏକ ସଦ୍‌ଭାବନା ସାଇକେଲ ରାଲି ମହାରାଷ୍ଟ୍ରର ଅହମଦନଗର ଠାରୁ ବାଂଲାଦେଶ ଅଭିମୁଖେ ବାହାରିଛି। ଏହି ରାଲିକୁ ମୟୂରଭଞ୍ଜ ଜାତୀୟ ଯୁବ ପ୍ରକଳ୍ପ ପକ୍ଷରୁ ଝାରପୋଖରିଆଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ଜିଲା ସଂଯୋଜକ ମଳୟ କୁମାର ନାୟକ ଏବଂ ସଭାପତି କୁଞ୍ଜବିହାରୀ ସେଠୀଙ୍କ ନେତୃତ୍ୱରେ ଦୁର୍ଗାପ୍ରସାଦ ମହାପାତ୍ର, ସ୍ୱାଧୀନ ପରିଡ଼ା, ଆଶୁତୋଷ ପ୍ରତିହାରୀ, ଦେବାଶିଷ ଖାଟୁଆ, ପ୍ରଣବେଶ ପାଲ, ସ୍ମୃତି ଶୋଭନ ପାଲ ଓ ବାସୁଦେବ ପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ୫ରୁ ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ

ବନ୍ତ,୧।୧୧(ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ବ୍ଲକ ଅଡାଳପଙ୍କ ପାଲା ମଣ୍ଡପଠାରେ ଆସନ୍ତା ୫ ତାରିଖରେ ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ ଅନୁଷ୍ଠିତ ପାଇଁ ସ୍ଥାନୀୟ ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇ ଯାଇଛି। ସମାରୋହରେ ପ୍ରତିଷ୍ଠିତ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ବାରିକ, ଗଣେଶ ପ୍ରସାଦ କରଶର୍ମା, ଡଃ. ଶୁଭେନ୍ଦ୍ର କୁମାର ମିଶ୍ର, ଅଶୋକ କୁମାର ପୁହାଣ, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ପ୍ରଭାସ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ ପାତ୍ର ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳରେ ସାହିତ୍ୟ ସଂଗଠନର ଭୂମିକା ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। କବି ଦାଶରଥି ଜେନାଙ୍କ ସଂଯୋଜନାରେ ପ୍ରସ୍ତୁତି ବୈଠକରେ ପୂଜା କମିଟିର ଶମ୍ଭୁନାଥ ମହାରଣା, ଜୟକୃଷ୍ଣ ନାୟକ, ଜଗନ୍ନାଥ ପଣ୍ଡା, ସୁଧାକର ତ୍ରିପାଠୀ, କାଶିନାଥ ଜେନାଙ୍କ ସମେତ ସମସ୍ତ ସଭ୍ୟ ଯୋଗ ଦେଇଥିଲେ।

# ସ୍ଥାଣୁ ପାଲଟିଛି ବ୍ରିଟ୍

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୧।୧୧

■ଜମି ବିକ୍ରି, ବିଲ୍ଡିଂ ପ୍ଲାନ୍ ଅନୁମୋଦନରେ ଚାଲିଛି ସଂସ୍ଥା
■ଅଢ଼େଇବର୍ଷ ହେଲା ଫାଙ୍କା ପଡ଼ିଛି ଅଧକ୍ଷ ପଦ

ବାଲେଶ୍ୱର ଆଞ୍ଚଳିକ ଉନ୍ନୟନ ସଂସ୍ଥା (ବ୍ରିଟ୍)) ଜିଲାର ଏକ ପ୍ରମୁଖ ଏବଂ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନକାରୀ ସଂସ୍ଥା। ରାସ୍ତାଘାଟଠାରୁ ଆରମ୍ଭ କରି ଆଲୋକୀକରଣ, ପାର୍କ ନିର୍ମାଣ ଓ ନବୀକରଣ, ନାଳନର୍ଦ୍ଦମା ନିର୍ମାଣ ସହ ଜିଲାରେ ହେଉଥିବା ଜମିବାଡ଼ି ବିକ୍ରି ଅନୁମୋଦନ, ଛୋଟବଡ଼ କୋଠାଘର ସମେତ ବଡ଼ବଡ଼ ଆପାର୍ଟମେଣ୍ଟର ପ୍ଲାନ୍ ଅନୁମୋଦନ କରିବା ସଂସ୍ଥାର ମୁଖ୍ୟ କାର୍ଯ୍ୟ ଅଟେ। କିନ୍ତୁ ଉକ୍ତ କାମଗୁଡ଼ିକୁ କରିବା ପାଇଁ ଆବଶ୍ୟକ ଥିବା କର୍ମଚାରୀ ଅଭାବରୁ ଏହା ସ୍ଥାଣୁ ପାଲଟିଯାଇଛି। ୧୫ଜଣ କର୍ମଚାରୀ ପଦବୀ ଥିବାବେଳେ ମାତ୍ର ୬ଜଣଙ୍କୁ ନେଇ ଚାଲିଛି ସଂସ୍ଥା। ଖାଲି ପଡ଼ିଛି ଡ୍ରାଫ୍ଟସମ୍ୟାନ, କିରାଣି ଓ ଅମିନ ପଦବୀ।

ଜିଲାର ପୂର୍ବ ଦିଗରେ ଥିବା ଚାନ୍ଦିପୁର, ବଳରାମଗଡ଼ିଠାରୁ ଆରମ୍ଭ କରି ପଶ୍ଚିମରେ ରେମୁଣା ବ୍ଲକର ନୂଆପାଢ଼ୀ, ଉତ୍ତରରେ ଫୁଲାଡ଼ିସ୍ଥିତ ହର୍ଷପୁରା ଓ ନୂଆଗାଁ ସହ ଦକ୍ଷିଣରେ ସେରଗଡ଼ ଟୋଲଗେଟ୍‌ସ୍ଥିତ ବରପଦା ପର୍ଯ୍ୟନ୍ତ ୨୦୬ଟି ରେଭିନ୍ୟୁ ଗାଁ ଅଞ୍ଚଳ ବ୍ରିଟ୍ ଅଧୀନସ୍ଥ। ଏଥିସହିତ ଜଳେଶ୍ୱର ଓ ସୋର ମ୍ୟୁନିସିପାଲିଟି ଏବଂ ନୀଳଗିରି ଏନ୍‌ଏସିରେ ଏହି ବ୍ରିଟ୍ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥାଏ। ଏସବୁ କାମ କରିବା ପାଇଁ ଜଣେ ସେକ୍ରେଟାରୀଙ୍କ ସହ ସର୍ବନିମ୍ନ ୨ କନିଷ୍ଠଯନ୍ତ୍ରୀ, ୨ଅମିନ, ୪ ଚେନ୍‌ମ୍ୟାନ୍ ଏବଂ କିରାଣି ଓ ପିଅନଙ୍କୁ ମିଶାଇ ୬ଜଣ ମୋଟ ୧୫ଜଣ କର୍ମଚାରୀ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ଜଣେ କନିଷ୍ଠଯନ୍ତ୍ରୀ, ଜଣେ ଚେନ୍‌ମ୍ୟାନ୍, ୩ଜଣ କିରାଣି ଓ ପିଅନ ଏବଂ ଜଣେ ସେକ୍ରେଟାରୀ ରହି କାର୍ଯ୍ୟ ଚଳାଉଛନ୍ତି। କର୍ମଚାରୀ ଅଭାବରୁ କାର୍ଯ୍ୟକୁ ସୂଚାରୁ ରୂପେ ତୁଲାଇପାରୁନାହିଁ ସଂସ୍ଥା। ବିଭିନ୍ନ ସମୟରେ ଲୋକେ ଅସନ୍ତୁଷ୍ଟ ହୋଇ ହୋହଲ୍ଲା କରୁଥିବା ନଜର ରହିଛି। ଅନ୍ୟପକ୍ଷରେ ୧୯୫୬ରୁ ବ୍ରିଟ୍‌ରେ ଥିବା ରିଭାଇଜ୍ ପ୍ଲାନ ଅନୁସାରେ ଚେୟାରମ୍ୟାନ୍ କେବଳ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟର ଅନୁମୋଦନ କରିପାରିବାର କ୍ଷମତା ରହିଛି। ଯାହା ଉନ୍ନତିମୂଳକ କାର୍ଯ୍ୟ ପାଇଁ ସମସ୍ୟା ସୃଷ୍ଟି କରୁଛି। ଗତ ୨୦୧୯ ଜୁଲାଇରୁ ବ୍ରିଟ୍ ଅଧକ୍ଷ ପଦବୀରେ କେହି ଅବସ୍ଥାପିତ ହୋଇ ନ ଥିବାରୁ ଜିଲାପାଳଙ୍କ ଦାୟିତ୍ୱରେ ଏହି ପଦବୀ ରହିଛି। କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏହା ମଧ୍ୟ ବହୁ ସମୟରେ ସମୟସାପେକ୍ଷ ହେଉଛି।

ଏନେଇ ବ୍ରିଟ୍‌ର ସେକ୍ରେଟାରୀ ନବୀନ କୁମାର ସିଂ କୁହନ୍ତି, ବ୍ରିଟ୍ ଅଧୀନରେ ଥିବା ପରିସରର ଉନ୍ନତିମୂଳକ କାର୍ଯ୍ୟ ପାଇଁ କର୍ମଚାରୀ ପଦବୀ ପୂରଣ ସହ ରିଭାଇଜ ରେଟ୍ ପ୍ଲାନ୍‌କୁ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏପରିକି ଅମିନ ପଦବୀରେ କେହି ନ ଥିବା ବେଳେ ଜଣେ ଚେନ୍‌ମ୍ୟାନ୍‌ଙ୍କୁ ନେଇ କାର୍ଯ୍ୟ ସମ୍ପାଦନ ହେଉଛି। ସେ ମଧ୍ୟ ଖୁବ୍‌ଶୀଘ୍ର ଅବସର ନେବାକୁ ଯାଉଛନ୍ତି। ଏଭଳି ପରିସ୍ଥିତିରେ କର୍ମଚାରୀଙ୍କ ପଦବୀ ପୂରଣ ନିତ୍ୟାନ୍ତ ଆବଶ୍ୟକ ରହିଥିବା ସେ କହିଥିଲେ।

ପୂର୍ବତନ ବ୍ରିଟ୍ ଅଧକ୍ଷ ଗୌରୀ ରାଉତ କୁହନ୍ତି, ଗତ ୨୦୧୯ ଜୁଲାଇଠାରୁ ତାଙ୍କର ଅଧକ୍ଷ କାର୍ଯ୍ୟକାଳ ସରିଥିଲା। ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାପାଳ ଉକ୍ତ ଦାୟିତ୍ୱରେ ରହିଛନ୍ତି। କୋଟି କୋଟି ଟଙ୍କା ବ୍ରିଟ୍ ପାଖରେ ଥିବାବେଳେ ଦୀର୍ଘ ଅଢ଼େଇବର୍ଷ ଧରି କୌଣସି ଉନ୍ନତିମୂଳକ କାମ ହେଉଥିବାର ଦେଖାଯାଉନାହିଁ। କେବଳ ଜମି ବିକ୍ରି ଓ ବିଲ୍ଡିଂ ପ୍ଲାନ୍ ଅନୁମୋଦନ କାର୍ଯ୍ୟ ହେଉଛି। ରାଜନୈତିକ ଛକାପଞ୍ଝା ପାଇଁ ଅଧକ୍ଷ ପଦ ଫାଙ୍କା ପଡ଼ିଥିବା ସେ ପ୍ରକାଶ କରିଥିଲେ।



ବ୍ରିଟ୍ କାର୍ଯ୍ୟାଳୟ।

## ମହିଳା, ଯୁବକଙ୍କ ମୃତଦେହ ଜବତ

ଉଦଳା/ ରାଇରଙ୍ଗପୁର, ୧।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ଓ ବାଦାମପାହାଡ଼ ଥାନା ପୋଲିସ ସୋମବାର ଜଣେ ମହିଳା ଓ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ଉଦଳା ଥାନା ଅଧୀନ ବଇଦାଖୋଲି ଗ୍ରାମରୁ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ବାଲେଶ୍ୱର ଜିଲା ରାଇବଣିଆ ଥାନା ଅନ୍ତର୍ଗତ ସୁରାଇସାହି ଗ୍ରାମର ଶଙ୍କର ମାରାଣ୍ଡି। ୮ ମାସ ହେବ ସେ ବଇଦାଖୋଲିରେ ରହି କାମ କରୁଥିଲେ। ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି। ସେହିପରି ବାଦାମପାହାଡ଼ ଥାନା ପୋଲିସ ଧାଙ୍ଗିଡ଼ିମୁଚା ଗ୍ରାମରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ନିରାଶ କାରୁଆ। ଗତ ୭ ଦିନ ହେଲା ସେ ନିଖୋଜ ଥିଲେ। ସୋମବାର ଘର ପଛପଟ ଏକ ଗଛରୁ ତାଙ୍କ ମୃତଦେହ ଜବତ ହୋଇଛି।

## ବନ ବିଭାଗ ପକ୍ଷରୁ ଗୋଧି ଉଦ୍ଧାର



ଖଇରା, ୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୋରାଣିପଦା ଗ୍ରାମରୁ ୮ଟି ଗୋଧି ବାହାରକୁ ଚାଲାଣ ପାଇଁ ରଖାଯାଇଥିବା ବେଳେ କୁପାରୀ ବନ ବିଭାଗ ଏଗୁଡ଼ିକୁ ଉଦ୍ଧାର କରି କୁଲଡିହା ଜଙ୍ଗଲରେ ଛାଡ଼ିଛି। ସୋମବାର ଅପରାହ୍ନରେ ୪ଜଣ ବ୍ୟକ୍ତି ଗୋଧିକୁ ଜାଲରେ ପୂରାଇ ବିକ୍ରି ପାଇଁ ବାହାର ବିକ୍ରେତାଙ୍କ ସହ ମୂଲଚାଲ କରୁଥିଲେ। କୁପାରୀ ଫରେଷ୍ଟର ତପନ କୁମାର ସିଂ, ଗାର୍ଡ ସଞ୍ଜୟ କୁମାର ମହାନ୍ତି ଗାଁରେ ପହଞ୍ଚିବା ପରେ ଚାଲାଣକାରୀ ଦୌଡି ପଳାଇଥିଲେ। ଜାଲ ସହ ଗୋଧି ଏବଂ ୪ଟି ସାଇକେଲ ଜବତ କରାଯାଇଛି।

# ‘ଭକ୍ତକବି ଓଡ଼ିଆ ସାହିତ୍ୟ ଜଗତର ଉଜ୍ଜ୍ୱଳ ନକ୍ଷତ୍ର’



ଦୀନକୃଷ୍ଣ ସାହିତ୍ୟ ସଂସ୍କୃତି ସଂସଦର ବାର୍ଷିକ ଉତ୍ସବରେ ଅତିଥିବୃନ୍ଦ।

ଜଳେଶ୍ୱର, ୧।୧୧(ଡି.ଏନ୍.ଏ.)

ରୀତିଯୁଗର ଭକ୍ତକବି ଦୀନକୃଷ୍ଣ ଦାସ ଓଡିଆ ସାହିତ୍ୟର ଉଜ୍ଜ୍ୱଳ ନକ୍ଷତ୍ର ହୋଇଥିଲେ ମଧ ତାଙ୍କ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ତାଙ୍କୁ ଜୀବଦ୍ଦଶାରେ ସମ୍ମାନ ମିଳି ନ ଥିବା ନେଇ ରବିବାର ଦୀନକୃଷ୍ଣ ସାହିତ୍ୟ-ସଂସଦର ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି ।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆର କାଳୀକ ପଞ୍ଚାୟତସ୍ଥିତ ହାତୀଗଡ କଲ୍ୟାଣ ମଣ୍ଡପରେ ଆୟୋଜିତ ଉତ୍ସବରେ ସଂସଦ ସଭାପତି ଇନ୍ଦୁମାଧବ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ରବୀନ୍ଦ୍ର କୁମାର ବିହାରୀ ଯୋଗଦେଇ ଦୀନକୃଷ୍ଣଙ୍କ ଜନ୍ମ ସୁବର୍ଣ୍ଣରେଖା ନଦୀକୂଳ ମୁଣୁତୁଣିଆ ଗାଁରେ ବୋଲି କହିଥିଲେ । ତାଙ୍କ ସମ୍ପର୍କରେ ଅଧିକ ଗବେଷଣା ହେଉ ନ ଥିବାରୁ ତାଙ୍କର ପ୍ରତିଛବି ଓ ଜନ୍ମବୃତ୍ତାନ୍ତ ଏବେ ବି ରହସ୍ୟଘେରରେ ରହିଛି। ମୁଖ୍ୟବକ୍ତା ଭାବେ ଡ. ସନ୍ତୋଷ କୁମାର ନାୟକ ଯୋଗଦେଇ ଦୀନକୃଷ୍ଣ ଦାସ ଓଡିଆ ସାହିତ୍ୟ ଜଗତର ଉଜ୍ଜଳ ନକ୍ଷତ୍ର ବୋଲି କହିଥିଲେ । ତାଙ୍କ ରଚିତ ରସକଲ୍ଲୋଳ ସମଗ୍ର ବିଶ୍ୱରେ ଅଦ୍ୱିତୀୟ ଓ ପୂଜିତ । ଅତିଥିଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅଧକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର ବକ୍ତବ୍ୟ ରଖିଥିବା ବେଳେ ଅଭ୍ୟର୍ଥନା କମିଟି ସଭାପତି ମନ୍ମଥ ଖାଟୁଆ ଅଭିଭାଷଣ ଦେଇଥିଲେ । ସଂସଦ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିଲେ । ବଂଶୀଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଇଂ ବ୍ରଜେନ୍ଦ୍ର ଘୋଷଙ୍କ ‘ବ୍ୟାଧ କନ୍ୟା ଶ୍ରାବଣୀ’ ଓ ସଂସଦର ମୁଖପତ୍ର ‘କଲ୍ଲୋଳ’ ଉନ୍ମୋଚିତ ହୋଇଥିଲା ।

ଦ୍ୱିତୀୟ ଅଧିବେଶନରେ ଦିଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ନୀଳକଣ୍ଠ ଖଣ୍ଡା, ବିଜୟ କୁମାର ନନ୍ଦ, ସୁକୁମାର ପ୍ରଧାନ, ଗୌରାଙ୍ଗ ସାହୁ, ସୁଧାଂଶୁ ପ୍ରଧାନ, ରମେଶ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ ସୁର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହିଅବସରରେ ୨୩ଜଣ କବି ସ୍ୱରଚିତ କବିତାପାଠ କରିଥିଲେ । ଏଥିରେ ବାଲୁକା ଶିଳ୍ପୀ ରାଇବଣିଆର ଅଜୟ ଘୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

ବାରିପଦା ଅଫିସ, ୧।୧୧

ବାରିପଦାସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନଠାରେ ମୟୂରଭଞ୍ଜ ଜିଲା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପୂର୍ବତନ ସଂଘ ସଭାପତି ଦେବାଶିଷ ମହାନ୍ତ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ସମ୍ପାଦକ ପ୍ରବୀଣ କୁମାର ମହାନ୍ତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉକ୍ତ ସଭାରେ ଜିଲା ଶିକ୍ଷକ ସମନ୍ୱୟ ସଂଘର ସଂଯୋଜକ ହରେକୃଷ୍ଣ ବାରିକ, ଅଧକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ ଯୋଗଦେଇ ସଂଘର ମହତ୍ୱ ଏବଂ ଜିଲା ସଂଘର ଏକତାକୁ ବଜାୟ ରଖିବା ପାଇଁ ଉପଦେଶ ଦେଇଥିଲେ। ନୂତନ କର୍ମକର୍ତ୍ତାଙ୍କ ମଧରେ ସଭାପତି ରାକେଶ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି ମାମିନା ଘୋଷ ଓ ଭରତ ଦାସ, ଉପସଭାପତି ବିଜୟଲକ୍ଷ୍ମୀ ଟୁଡୁ, ସୁଚୀସ୍ମିତା ଆଚାର୍ଯ୍ୟ, ରାଜେନ୍ଦ୍ର ନାଏକ ଓ ମହେଶ୍ୱର ସୋରେନ, ସାଧାରଣ ସମ୍ପାଦକ ବେଣୁଗୋପାଳ ମହାନ୍ତ, ଉପସାଧାରଣ ସମ୍ପାଦକ ଦତ୍ତାତ୍ରେୟ ପାତ୍ର, ସହସମ୍ପାଦକ ବିଶ୍ୱରଞ୍ଜନ ପ୍ରତିହାରୀ, ଗିରିଜା ପ୍ରସାଦ ଦାସ, ଜୟନ୍ତ କଲିଆ ଓ ଗୋବିନ୍ଦ ମହାନ୍ତ, ସଙ୍ଗଠନ ସମ୍ପାଦକ ଶ୍ୱେତଲୀନା ବେହେରା, ପର୍ଶୁରାମ ଦାସ ଓ ଲକ୍ଷ୍ମୀଧର ମହାନ୍ତ, କୋଷାଧକ୍ଷ ଭାବେ ରଶ୍ମିନାରାୟଣ ମଲ୍ଲିକ , ଗଣମାଧମ ପ୍ରତିନିଧି ଭାବେ ସଂଗ୍ରାମକେଶରୀ ସାହୁ ଓ ଦେବସ୍ମିତା ପୁଥାଳ ପ୍ରମୁଖ ଶପଥ ନେଇଥିଲେ।

# ବିଡିଓଙ୍କୁ ଦାବିପତ୍ର ଦେଲେ ଗାଁ ସାଥୀ


ଏବିଡିଓଙ୍କୁ ଗାଁ ସାଥୀ(ମେଟ୍) ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବନ୍ତ,୧।୧୧(ଡି.ଏନ୍.ଏ.)

ଗାଁ ସାଥୀ(ମେଟ୍) ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଗଣଧାରଣା ଆସନ୍ତା ନଭେମ୍ବର ୧୬ରେ ଅନୁଷ୍ଠିତ ହେବାକୁ ଥିବା ବେଳେ ସୋମବାର ଭଦ୍ରକ ଜିଲା ବନ୍ତ ବ୍ଲକ ଗାଁ ସାଥୀ(ମେଟ୍) ସଂଘ ତରଫରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୨୫ ଦଫା ସମ୍ବଳିତ ଏକ ଦାବିପତ୍ର ବ୍ଲକ ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଛି । ବ୍ଲକ ଗାଁ ସାଥୀ ସଂଘର ସଭାପତି ରବିନ୍ଦ୍ର କୁମାର ମାଝୀ, ସମ୍ପାଦିକା ମିନାରାଣୀ ପଣ୍ଡା, ନାରାୟଣ ଦାଶ, ଅକ୍ଷୟ ଅନନ୍ତ କର, ରଞ୍ଜୁଲତା ସାହୁ, ଅମୂଲ୍ୟ ବେହେରା, କୃତିବାସ ମୁଦୁଲି, ଉର୍ବଶୀ ରାଉତ, ପ୍ରଦୀପ୍ତ ଜେନା ପ୍ରମୁଖ ଏବିଡିଓ ନିଶିକାନ୍ତ ଖୁଣ୍ଟିଆଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

# ରାତିରେ ଖଟିଆରେ ବୁହାହେଲେ ରୋଗୀ

ଆନନ୍ଦପୁର,୧।୧୧(ସ୍ୱ.ପ୍ର.)

ରାସ୍ତା ନ ଥିବାରୁ ରାତିରେ ଖଟିଆରେ ଜଣେ ମହିଳାଙ୍କୁ ୨ କି.ମି ବୋହିକି ନେବାକୁ ପଡ଼ିଛି। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ସାମୁକାନେଣ୍ଡି ପଞ୍ଚାୟତ ନଟିଆ ଗ୍ରାମରେ। ରବିବାର ରାତି ସମୟରେ ଜାମୁନ ସାହିର ସରସ୍ୱତୀ ଦରାଇ ବାତ ରୋଗରେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ପରିବାରବର୍ଗ ୧୦୮ ଆମ୍ବୁଲାନ୍ସର ସହାୟତା ଲୋଡିଥିଲେ। ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସଟି ୨ କି.ମି. ଦୂରରେ ଅଟକିରହିଥିଲା। ପରେ ପରିବାର ଲୋକଙ୍କ ସହିତ ଆମ୍ବୁଲାନ୍ସ କର୍ମଚାରୀ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# କେନାଲ ଖୋଳି ଜଳସେଚନ କରିବାକୁ ଦାବି

କେନ୍ଦୁଝର, ୧।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ରେବଣାପଳାସପାଳ ପଞ୍ଚାୟତର ୧୦ଟି ୱାର୍ଡର ଅଧିବାସୀମାନେ ଚାଷ ଉପରେ ନିର୍ଭର କରି ଚଳନ୍ତି। ଏହି ଚାଷ ପାଇଁ ସେମାନେ ଚିରସ୍ରୋତା କୁଶେଇ ନଦି ଉପରେ ନିର୍ଭର କରିଥାନ୍ତି। ଆଜକୁ ୪୨ ବର୍ଷ ହେଲା ବୁଢ଼ୀପଦା ଗ୍ରାମର ଗୋଟିଏ ୱାର୍ଡ ଜଳସେଚିତ ହେଉଥିବାବେଳେ ଅନ୍ୟ ୱାର୍ଡକୁ ଜଳସେଚନ ହୋଇପାରୁନାହିଁ। କେନାଲ ଅଧା ଖୋଳା ହୋଇ ରହିଛି । ବନ ବିଭାଗ ପକ୍ଷରୁ ଏହି କାମ ବନ୍ଦ କରାଯାଇଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ବିଶେଷ କରି ଜୁଆଙ୍ଗ, ମୁଣ୍ଡା ଜନଜାତିର ଚାଷୀ ମାନେ କ୍ଷତିଗ୍ରସ୍ତ ହେଉଥିବାବେଳେ ଆଗ୍ରହ ଥିଲେ ହେଁ ବର୍ଷ ତମାମ ଚାଷ କରିପାରୁନାହାନ୍ତି। ତେବେ ଏହି କେନାଲ ଖନନ ତିନି ମାସ ମଧ୍ୟରେ କରା ନ ଗଲେ ବାଧ ହୋଇ ସ୍ଥାନୀୟ କୃଷକ ସଂଗଠନ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଦୀର୍ଘ ୪୨ ବର୍ଷ ଧରି ଅବହେଳିତ ହୋଇ ରହିଥିବା କୃଷକ ମାନେ ତୁରନ୍ତ କେନାଲ ଖନନ କରି ଜଳସେଚନ କରିବା ପାଇଁ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଲିଖିତ ନିବେଦନ କରିଛନ୍ତି।


ଅଧା ଖୋଳା କେନାଲ।

# ସମ୍ବିଧାନ ସମ୍ପର୍କରେ ଆଲୋଚନା ହିଁ ସମ୍ବିଧାନ ଯଜ୍ଞ

ସିମୁଳିଆ, ୧।୧୧(ଡି.ଏନ.ଏ.)

ନାଗରିକଙ୍କ ମଧ୍ୟରେ ଦେଶର ଆଇନ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରବିବାର ଓ ସୋମବାର ସିମୁଳିଆ ବ୍ଲକ ରୁତୁଙ୍ଗା ଅଞ୍ଚଳରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖାଉଟି ଓ ଆଇନ ସଚେତକ ନୀଳାମ୍ବର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ତଥା ଆଇନଜ୍ଞ ବିଜୟ କୁମାର କର ମଞ୍ଚ ସଞ୍ଚାଳନା କରିବା ସହିତ ସୂଚନା ଅଧିକାର ଆଇନ ଓ ଏହାର ଦିଗ ସମ୍ପର୍କରେ ସୂଚନା ଦେଇଥିଲେ ।

ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନରୋତ୍ତମ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଯାଜପୁର ଅଞ୍ଚଳର ବରିଷ୍ଠ ଆଇନଜୀବୀ ଶୁଭ୍ରାଂଶୁ ଶେଖର ରାୟ ଆଇନର ସାର୍ବଜନୀନ ସମ୍ପର୍କରେ ସୂଚନା ଦେଇଥିଲେ । ଓଡ଼ିଶା ଉପଭୋକ୍ତା ମହାସଂଘ, କଟକର ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ସମ୍ବିଧାନ ଯଜ୍ଞର ଅର୍ଥ ଆଲୋଚନା ବୋଲି କହିଥିଲେ। ସେହିପରି ଉପଭୋକ୍ତା ମହାସଂଘ ସମ୍ପାଦକ ପ୍ରଶାନ୍ତ କୁମାର ଜେନା ସମ୍ବିଧାନ ସମସ୍ତ ଆଇନର ଉତ୍ସ, ସମ୍ବିଧାନ ବହି ଭିତରେ ରହିଗଲେ କୌଣସି ଲାଭ ନାହିଁ। ଏହାର ଆଲୋଚନା ହେବା ଉଚିତ୍, ସମ୍ବିଧାନର ଆଲୋଚନା ସିମୁଳିଆ ରୁତୁଙ୍ଗା ବ୍ୟତୀତ ଅନ୍ୟ କୌଣସି ଗାଁରେ ହେଉ ନ ଥିବା ସେ ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆୟକର ବିଭାଗର ଆଇନଜୀବୀ ଅଭିମନ୍ୟୁ ବେହେରା, ଅଧ୍ୟାପକ ହରେକୃଷ୍ଣ ପଲାଇ, ରାଜେନ୍ଦ୍ର ମହାପାତ୍ର, ଅନନ୍ତବ୍ରତ ଦେବନାଥ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଆଇନ ପୁସ୍ତକ ‘ବାକିଖାତା ସମ୍ବିଧାନ ଯଜ୍ଞ-୨୦୨୧’ ଉନ୍ମୋଚିତ ହୋଇଥିଲା। ସଂଗ୍ରାମୀ ପ୍ରଶାନ୍ତ କୁମାର ପଣ୍ଡା ସଙ୍ଗଠନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ରବିବାର ସନ୍ଧ୍ୟାରେ ଆଇନର ବିଭିନ୍ନ ଧାରା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ ଭଦ୍ରକ ଜିଲାର ଅବସରପ୍ରାପ୍ତ ଶିକ୍ଷକ ତଥା ଆଇନ ସଚେତକ ଗୋପାଳ ମହଲ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଧାକିଶୋର ପଟ୍ଟନାୟକ, ସଂଗ୍ରାମୀ କଳାକାର ନବକିଶୋର ନାଥ ଓ ମଞ୍ଜୁରୀରୋଡର ସଂଗ୍ରାମୀ ମହିଳା ସମ୍ପଦା ପଣ୍ଡାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।


ଅତିଥିମାନଙ୍କ ଦ୍ୱାରା ଆଇନ ପୁସ୍ତକ ଉନ୍ମୋଚନ କରାଯାଉଛି।

## ସୁନାମି ମକ୍‌ଡ୍ରିଲ୍ ପାଇଁ ପ୍ରସ୍ତୁତି ବୈଠକ

ପଦ୍ମପୁର,୧।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସମ୍ମିଳନୀ କକ୍ଷରେ ସୁନାମି ମକ୍‌ଡ୍ରିଲ ପାଇଁ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୫ ତାରିଖରେ ୩ଟି ଗ୍ରାମରେ ଏହି ମକ୍‌ଡ୍ରିଲ ହେବ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କର ନିର୍ଦ୍ଦେଶକ୍ରମେ ଆୟୋଜିତ ବୈଠକରେ ବିଡିଓ ସତ୍ୟଜିତ ରାଉତ ସଭାପତିତ୍ୱ କରିଥିଲେ। ମୋହନପୁର, ରାଧାକାନ୍ତପୁର, ହାବେଲିସାହି ଗ୍ରାମରେ ସୁନାମୀ ବିପର୍ଯ୍ୟୟର ମୁକାବିଲା ପାଇଁ ମକ୍‌ଡ୍ରିଲରେ ସମ୍ପୂର୍ଣ୍ଣ ଭାବେ ବାତ୍ୟାଶ୍ରୟସ୍ଥଳ ପରିଚାଳନା କମିଟି, ସରପଞ୍ଚ, ଅଙ୍ଗନୱାଡ଼ି କର୍ମୀ, ସ୍ଥାନୀୟ ସ୍ୱେଚ୍ଛାସେବୀ, ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ ଓ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଥିଲା। ବିପିଏମ୍ ବୀଣାପାଣି ପଣ୍ଡା, ଜିପିଓ ଅଶୋକ ଦାସ, ବିଇଓ ଜଗବନ୍ଧୁ ଦାସ, ଭାରପ୍ରାପ୍ତ ତହସିଲଦାର ତାପସ କୁମାର ସାମଲ, ଜିଲା ଜରୁରୀ ଅଧିକାରୀ ମନୋରମା ଜାଲି ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

ରୂପସା, ୧।୧୧(ଡି.ଏନ.ଏ.)

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅଧୀନ ୨୮ନଂ ଜୋନସ୍ତରୀୟ ବିଜେଡିର କର୍ମୀ ସମ୍ମିଳନୀ ରୂପସାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାପରିଷଦ ସଭ୍ୟା ଶ୍ରୀମତୀ ପଟ୍ଟନାୟକ, ବିଜେଡି ନେତା ଅକ୍ରୁର ତରାଇ, ଆଇନଜୀବୀ ଗୌରୀ ବାରିକ, ହରି ପାଣି, ପ୍ରାକ୍ତନ ସରପଞ୍ଚ ପର୍ଶୁରାମ ପ୍ରଧାନ, ସରପଞ୍ଚ ସଞ୍ଜୟ ସେଠୀ, ଯୁବନେତା ଦେବବ୍ରତ ବିଶ୍ୱାଳ, ବିନୟ ବେହେରା, ସନ୍ତୋଷ ପରିଡ଼ା, ନିରଞ୍ଜନ ପଣ୍ଡା ଶର୍ମା ପ୍ରମୁଖ ମଞ୍ଚାସୀନ ହୋଇ ନବୀନ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବଖାଣିଥିଲେ। ଜୋନ ଅଧୀନ ରୂପସା, କସିପଦା, ଆଙ୍ଗୋ, ହଳଦୀପଦା, ଶ୍ରୀରାମପୁର, ରସୁଲପୁର ଆଦି ପଞ୍ଚାୟତର ସଭାପତି, ବରିଷ୍ଠ କର୍ମୀ ଓ ମହିଳା ନେତ୍ରୀ ଉପସ୍ଥିତ ଥିଲେ।

